# ସର୍ତ୍ତ ଓ ନିୟମାବଳୀ: ହ୍ୱାଟ୍ସଆପ୍‌ରେ ମିଳୁଥିବା ସେବା

1. ସଂଜ୍ଞା:

- ‘‘ସର୍ଭିସେସ୍’’ (ସେବା)ର ଅର୍ଥ ହେବ ସୂଚନା: ଜିଆଇସି ହାଉସିଂ ଫାଇନାନ୍ସ ଲିମିଟେଡ (“ଜିଆଇସିଏଚଏଏଫଏଲ”) ଦ୍ୱାରା ବ୍ୟବହାରକାରୀଙ୍କୁ ସେମାନଙ୍କର ଋଣ ସମ୍ବନ୍ଧୀୟ ଦିଗ ଏବଂ ନେଣଦେଣ ବିଷୟରେ ହ୍ୱାଟ୍ସଆପ୍ (ମେଟା ଦ୍ୱାରା) ଆପ୍ଲିକେସନ ମାଧ୍ୟମରେ ଜିଆଇସିଏଚଏଲର ହ୍ୱାଟ୍ସଆପ୍ ସେବାରୁ ପ୍ରଦାନ କରାଯାଉଥିବା ସୂଚନା, ଯାହା ମାଧ୍ୟମରେ ବ୍ୟବହାକାରୀଙ୍କୁ ଋଣ ସମ୍ବନ୍ଧୀୟ ଯୋଗାଯୋଗ ଏବଂ ନେଣଦେଣ ବିଷୟରେ ସୂଚନା ମିଳିଥାଏ। ଏଥିରେ ଯେକୌଣସି ମାର୍କେଟିଂ ଯୋଗାଯୋଗ ସାମିଲ ହେବ।
- ‘‘ୟୁଜର୍’’ (ବ୍ୟବହାରକାରୀ): ର ଅର୍ଥ ହେବ ସେହି ବ୍ୟକ୍ତିବିଶେଷ ଯିଏକି ସର୍ଭିସେସ୍ ବା ସେବା ପାଇଁ ପଞ୍ଜିକରଣ କରୁଛନ୍ତି ଏବଂ/କିମ୍ବା ଏହାକୁ ବ୍ୟବହାର କରୁଛନ୍ତି।
- ‘‘ଅଣ-ସମ୍ବନ୍ଧୀୟ ଯୋଗାଯୋଗ’’: ର ଅର୍ଥ ହେବ ଏପରି ଯେକୌଣସି ଯୋଗାଯୋଗ ଯାହା ବ୍ୟବହାରକାରୀଙ୍କ ଋଣ ଆକାଉଣ୍ଟ, ଅନୁସନ୍ଧାନ କିମ୍ବା ଜିଆଇସିଏଚଏଫଏଲ ଦ୍ୱାରା ଦିଆଯାଉଥିବା ସର୍ଭିସ୍ ସହ ଜଡ଼ିତ ହୋଇନଥିବ।
- ‘‘ତୃତୀୟ ପକ୍ଷ ସେବା ପ୍ରଦାନକାରୀ’’: ଏହାର ଅର୍ଥ ଯେକୌଣସି ବାହ୍ୟ ସଂସ୍ଥା ଯାହା ସହିତ ଜିଆଇସିଏଚଏଫଏଲ୍ ସେବାଗୁଡ଼ିକୁ ବଢ଼ାଇବା କିମ୍ବା ପ୍ରଦାନ କରିବା ଲାଗି ସହଭାଗିତା କରିପାରେ।
- ‘‘ହ୍ୱାଟ୍ସଆପ୍’’: ର ଅର୍ଥ ହେଉଛି ମେଟା ପ୍ଲାଟଫର୍ମସ୍, ଆଇଏନସି. ର ଅଂଶବିଶେଷ ହ୍ୱାଟ୍ସଆପ୍ ଦ୍ୱାରା ଯୋଗାଇ ଦିଆଯାଉଥିବା ମେସେଜ୍ ସର୍ଭିସ୍।

2. **ହ୍ୱାଟ୍ସଆପ୍ ସେବା ପାଇଁ ପଞ୍ଜୀକରଣ**

- ଜିଆଇସିଏଫଏଚଏଲର ହ୍ୱାଟ୍ସଆପ୍ ସେବାରେ ପଞ୍ଜିକରଣ କରିବା ଜରିଆରେ ବ୍ୟବହାରକାରୀ ହ୍ୱାଟ୍ସଆପରେ ଋଣ ସହ ଜଡ଼ିତ ଯୋଗାଯୋଗ ଏବଂ ନେଣଦେଣ ବିଷୟରେ ନୋଟିଫିକେସନ୍ ପାଇବା ଲାଗି ସହମତ ହୋଇଛନ୍ତି।

3. **ସେବାଗୁଡ଼ିକର ପରିସର୍**

- ବ୍ୟବହାରକାରୀ ହ୍ୱାଟ୍ସଆପ୍ ମାଧ୍ୟମରେ ଋଣ ଆକାଉଣ୍ଟ ସଂକ୍ରାନ୍ତ ସୂଚନା, ନୂଆ ଋଣ ସମ୍ପର୍କରେ ଅନୁସନ୍ଧାନ, ଓଟିପି ସର୍ଭିସ୍ ଏବଂ ଅନ୍ୟାନ୍ୟ ଫିଚର୍ ସମ୍ପର୍କରେ ନୋଟିଫିକେସନ୍ ପାଇପାରିବେ।
- ସେବାଗୁଡ଼ିକ ସହ ଜଡ଼ିତ ସୁବିଧା ଯୋଡ଼ିବା କିମ୍ବା ଅପସାରଣ କରିବା ଜିଆଇସିଏଚଏଫଏଲ ର ଇଚ୍ଛାଧୀନ ବ୍ୟାପାର ହେବ।

4. **ତଥ୍ୟ ପ୍ରଦାନ କରିବା ପାଇଁ ସମ୍ମତି**

- ହ୍ୱାଟ୍ସଆପ୍ ବୋଧହୁଏ ଲୋକେସନ, ନେଟୱର୍କ, କଣ୍ଟାକ୍ଟ, କଲ୍ ଲଗ୍, ଇନଷ୍ଟଲ୍ ହୋଇଥିବା ଆପ୍ ଏବଂ ଷ୍ଟୋରେଜ୍ ଡାଟା ଭଳି ସୂଚନା ସଂଗ୍ରହ କରିପାରେ। ଏହି ସୂଚନା ସହିତ ନେଣଦେଣ ଓ ପ୍ରଚାରପ୍ରସାର ସଂକ୍ରାନ୍ତ ଏସଏମଏସକୁ ହୁଏତ’ ସେବାରେ ସୁଧାର, ପରିସଂଖ୍ୟାନ ବିଶ୍ଳେଷଣ ଏବଂ ତୃତୀୟ ପକ୍ଷ ସେବା ପ୍ରଦାନକାରୀଙ୍କ ସହିତ ସହଭାଗିତା ପାଇଁ ଉପଯୋଗ କରାଯାଇପାରେ।

- ଆବଶ୍ୟକତା ମୁତାବକ ତଥ୍ୟ ବିଶ୍ଳେଷଣ, ପରିଚାଳନା ସୂଚନା ପ୍ରଣାଳୀ (ଏମଆଇଏସ) ଆବଶ୍ୟକତା, ରିପୋର୍ଟିଂ, ଅଡିଟ୍ ଏବଂ ନିୟାମକ ଅନୁପାଳନ ନିମନ୍ତେ ଚାଟ୍ ଡାଟା ଉପଯୋଗ ଲାଗି ବ୍ୟବହାରକାରୀ ସମ୍ମତି ଦେଉଛନ୍ତି। ଏହି ତଥ୍ୟକୁ ଅନ୍ତରୀଣ ପ୍ରକ୍ରିୟାକରଣ କରାଯାଇପାରେ କିମ୍ବା ବ୍ୟବସାୟିକ ଦୃଷ୍ଟିକୋଣ ଏବଂ ସେବାରେ ଉନ୍ନତି ପାଇଁ ଅଧିକୃତ ତୃତୀୟ ପକ୍ଷଙ୍କୁ ପ୍ରଦାନ କରାଯାଇପାରେ।

- ବ୍ୟବହାରକାରୀ ଏଥିରେ ମଧ୍ୟ ସମ୍ମତି ଦେଉଛନ୍ତି ଯେ ଜିଆଇସିଏଚଏଫଏଲ୍ ଠକେଇ ଚିହ୍ନଟ, ବିପଦ ପରିଚାଳନା, ଆଇନଗତ ଓ ନିୟାମକ ଆବଶ୍ୟକତାଗୁଡ଼ିକର ଅନୁପାଳନ ଏବଂ ଗ୍ରାହକଙ୍କ ଅଭିଜ୍ଞତାରେ ସୁଧାର ଆଣିବା ଲାଗି ଚାଟ୍ ସର୍ଭିସ୍ ଡାଟା ବ୍ୟବହାର କରିପାରେ।

5. ହ୍ୱାଟ୍ସଆପ୍ ନିୟମ ଏବଂ ସର୍ତ୍ତାବଳୀ ଉପରେ ନିୟନ୍ତ୍ରଣ

- ହ୍ୱାଟ୍ସଆପ୍‌ର ନିୟମ ଓ ସର୍ତ୍ତାବଳୀ ଉପରେ ଜିଆଇସିଏଚଏଫଏଲର କୌଣସି ନିୟନ୍ତ୍ରଣ ନାହିଁ ଏବଂ ହ୍ୱାଟ୍ସଆପ୍ ହେଉଛି ମେଟା ପ୍ଲାଟଫର୍ମସ୍ ଆଇଏନ୍‌ସି. ର ମାଲିକାନାରେ ଥିବା ଏକ ତୃତୀୟ ପକ୍ଷ ପ୍ଲାଟଫର୍ମ। ଜିଆଇସିଏଚଏଫଏଲ ହ୍ୱାଟ୍ସଆପ୍ ବ୍ୟବହାର କାରଣରୁ ଏହାର ନିୟମ ଏବଂ ସର୍ତ୍ତାବଳୀରେ କୌଣସି ପରିବର୍ତ୍ତନ କିମ୍ବା ଅପଡେଟ୍ ପାଇଁ ସୃଷ୍ଟି ହେବାକୁ ଥିବା କୌଣସି ପ୍ରଭାବ ଲାଗି ଉତ୍ତରଦାୟୀ ହେବ ନାହିଁ।

6. **ଅଭିଯୋଗ କିମ୍ବା ଜାଲିଆତି ରିପୋର୍ଟିଂ ପାଇଁ ଅଣ-ବ୍ୟବହାର**

ଅଭିଯୋଗ କିମ୍ବା ଠକେଇ ରିପୋର୍ଟ କରିବା ପାଇଁ ହ୍ୱାଟ୍ସଆପ୍ ସେବାକୁ ବ୍ୟବହାର କରାଯାଇପାରିବ ନାହିଁ। ଜିଆଇସିଏଚଏଫଏଲ ଏହି ପ୍ଲାଟଫର୍ମ ମାଧ୍ୟମରେ ପ୍ରାପ୍ତ ଏପରି ରିପୋର୍ଟକୁ ସମାଧାନ କରିବା ଲାଗି ଉତ୍ତରଦାୟୀ ନୁହେଁ। କୌଣସି ଅଭିଯୋଗ କିମ୍ବା ଅନ୍ୟାନ୍ୟ ସମସ୍ୟା ପାଇଁ, ବ୍ୟବହାରକାରୀ ଏହାକୁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରିପାରିବେ ଯାହା ନିମ୍ନରେ ଅନୁଚ୍ଛେଦ ନଂ ୮ ରେ ଉଲ୍ଲେଖ କରାଯାଇଛି।

7. **ପ୍ରଶ୍ନ ସମାଧାନ ପାଇଁ ଉତ୍ତରଦାୟିତ୍ୱ**

- ହ୍ୱାଟ୍ସଆପ୍ ମାଧ୍ୟମରେ ବ୍ୟବହାରକାରୀଙ୍କ ମତବିନିମୟ ସିଷ୍ଟମ୍ ଆଲଗୋରିଦମ ଅଧୀନରେ ଅଛି, ଏବଂ ଜିଆଇସିଏଚଏଫଏଲ ଏହି ଚ୍ୟାନେଲ୍ ମାଧ୍ୟମରେ ସନ୍ତୋଷଜନକ ପ୍ରଶ୍ନ ସମାଧାନର ଗ୍ୟାରେଣ୍ଟି ଦିଏ ନାହିଁ। ଉପଯୁକ୍ତ ଯୋଗାଯୋଗ ସୁନିଶ୍ଚିତ କରିବା ବ୍ୟବହାରକାରୀଙ୍କ ଉତ୍ତରଦାୟିତ୍ୱ ଅଟେ ଏବଂ ଆବଶ୍ୟକ ହେଲେ ସେ ବିକଳ୍ପ ଉପାୟର ଉପଯୋଗ କରିପାରିବେ।

8. **ଅଭିଯୋଗ ଶୁଣାଣି**

- ଅଭିଯୋଗ କିମ୍ବା ସମସ୍ୟା ନିମନ୍ତେ ବ୍ୟବହାରକାରୀ customercare@gichf.comରେ ଇମେଲ୍ କରିପାରିବେ କିମ୍ବା https://gichfindia.com/କୁ ଯାଇ ଜିଆଇସିଏଚଏଫଏଲ ସହ ଯୋଗାଯୋଗ କରିପାରିବେ[mailto:customercare@gichf.com](mailto:customercare@gichf.com)

9. **ହ୍ୱାଟ୍ସଆପ୍ ଆକାଉଣ୍ଟର ସୁରକ୍ଷା**

- ବ୍ୟବହାରକାରୀମାନେ ସେମାନଙ୍କର ପଞ୍ଜୀକୃତ ମୋବାଇଲ୍ ନମ୍ବରରେ ଜିଆଇସିଏଚଏଫଏଲ ସହିତ ଲିଙ୍କ୍ ହୋଇଥିବା ହ୍ୱାଟ୍ସଆପ୍ ଆକାଉଣ୍ଟର ସୁରକ୍ଷା ବଜାୟ ରଖିବା ପାଇଁ ଉତ୍ତରଦାୟୀ ଅଟନ୍ତି। ଜିଆଇସିଏଚଏଫଏଲ ବ୍ୟବହାରକାରୀଙ୍କ ହ୍ୱାଟ୍ସଆପ୍ ଆକାଉଣ୍ଟରେ କୌଣସି ଅନଧିକୃତ ଆକ୍ସେସ୍ ପାଇଁ ଉତ୍ତରଦାୟୀ ରହିବ ନାହିଁ।

10. **ଡାଟା ପ୍ରୋସେସିଂ ଓ ବ୍ୟବହାର ପାଇଁ ସମ୍ମତି**

- ବ୍ୟବହାରକାରୀ ହ୍ୱାଟ୍ସଆପ୍ ମତବିନିମୟ ସମୟରେ ପରିପ୍ରକାଶ କରାଯାଇଥିବା ନିଜର ବ୍ୟକ୍ତିଗତ ତଥ୍ୟ ସଂଗ୍ରହ, ପ୍ରକ୍ରିୟାକରଣ ଏବଂ ଧାରଣ ନିମନ୍ତେ ସ୍ପଷ୍ଟ ଭାବେ ସମ୍ମତି ଦେଉଛନ୍ତି। ଏହି ଡାଟା ବା ତଥ୍ୟଗୁଡ଼ିକୁ ନିମ୍ନମତେ ଉପଯୋଗ କରାଯାଇପାରେ:

- ଅନ୍ତରୀଣ ଆକଳନ, ଅଡିଟ୍ ଏବଂ ଆଇନଗତ ଉଦ୍ଦେଶ୍ୟଗୁଡ଼ିକ ପାଇଁ।

- ବ୍ୟକ୍ତିଗତ ମାର୍କେଟିଂ ଅଭିଯାନ ବିକାଶ କରିବା ଏବଂ ଗ୍ରାହକ ସେବାରେ ସୁଧାର ଆଣିବା ଲାଗି।

- ପ୍ରଯୁଜ୍ୟ ଆଇନ ଅନୁଯାୟୀ ନିୟାମକ କିମ୍ବା ବୈଧାନିକ ଉତ୍ତରଦାୟିତ୍ୱ ପୂରଣ କରିବା ଲାଗି।

11. ସଂଶୋଧନଗୁଡ଼ିକ:

ବ୍ୟବହାରକାରୀ ବା ୟୁଜରଙ୍କ ସୂଚନା ବିନା ଏସବୁ ସର୍ତ୍ତ ଓ ନିୟମାବଳୀରେ ପରିବର୍ତ୍ତନ କରାଯାଇପାରେ।